## ଆଜି ମିଳିତ ଜନଶୁଣାଣି ବନ୍ଦ

ଭଦ୍ରକ,(ସନାତନ ରାଉତ)-ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ବନ୍ଦ ରହିବ। ବାତ୍ୟା କ୍ଷୟକ୍ଷତି ଆକଳନ ଓ ଉଦ୍ଧାର କାର୍ଯ୍ୟରେ ଜିଲାସ୍ତରୀୟ ଅଧିକାରୀମାନେ ନିୟୋଜିତ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁଣାଣି କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିବା ସହକାରୀ ଜିଲାପାଳ ତନ୍ମୟ କୁମାର ଜେନା ପତ୍ର ମାଧ୍ୟମରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି।

**ଭଦ୍ରକ**

# ୨୫ ଗାଁ ଜଳବନ୍ଦୀ

## ବାତ୍ୟା ପରେ ଦାଉ ସାଧିଲା ବନ୍ୟା

■ବନ୍ୟାପାଣିରେ ବୁଡ଼ିଛି ଚାଷୀଙ୍କ ଦାନା

■ ସ୍ଥିତି ଅନୁଧ୍ୟାନ କଲେ ରାଜ୍ୟ ନୋଡାଲ ଅଧିକାରୀ

ତିହିଡ଼ି,୨୭।୧୦(ସଞ୍ଜିତ ବଳ)

ବାତ୍ୟା ପରେ ଦାଉ ସାଧିଲା ବନ୍ୟା। ଲଗାଣ ବର୍ଷା ଯୋଗୁ ସାଳନ୍ଦୀ ଓ ଏହାର ଶାଖା ନଦୀ ନାଳିଆରେ ବନ୍ୟା ଆସିଛି। ୨ ନଦୀ ଉଚ୍ଛୁଳିବାରୁ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ୪ ପଞ୍ଚାୟତର ୨୫ ଗାଁ ଜଳବନ୍ଦୀ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ତଳଗୋପବିନ୍ଧା, କୁବେରା, ବିଲଣା ଓ ଅଚକ ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏବେ ପାଣିଘେରରେ ରହିଛନ୍ତି। ବାତ୍ୟା ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ଭୂପିନ୍ଦର ସିଂ ପୁନିଆ ରବିବାର ତଳଗୋପବିନ୍ଧା ପଞ୍ଚାୟତକୁ ଗସ୍ତ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ସହ ଜିଲାପାଳ ଦିଲୀପ ରାଉତରାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ବିଡିଓ ଜ୍ୟୋତିର୍ମୟ କର ଓ ସରପଞ୍ଚ ସଞ୍ଜୀବ ବେହେରା ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ।



ଖପରାବାଙ୍କ ଗ୍ରାମରେ ବନ୍ୟାପାଣି।

ତଳଗୋପବିନ୍ଧା ପଞ୍ଚାୟତର ନରସିଂହପୁର, ମାଉଗଜପୁର, ହଟନଗର, ତିଆଡ଼ିସାହି, ତାଳପଦା, ଖଟୁଆସାହି, ତଳଗୋପ, ନିଶ୍ଚିନ୍ତା, ମିରିପୁର, ତଳଗୋପବିନ୍ଧା, ନାଥପଡା, କୁବେରା ପଞ୍ଚାୟତର ରହଣିଆସାହି, ଦେଉଳା, ଦେଉଳା ଜେନାସାହି, କଷଟି, ବାରିକପୁର, ତୁଳସୀପୁର, ମାଙ୍କଡକୋଳା, ବିଲଣା ପଞ୍ଚାୟତର ବିଲଣା, ଲଞ୍ଜାତରା, ମିରିପୁର ଏବଂ ଅଚକ ପଞ୍ଚାୟତର ବରୁଣେଇ ଓ ଖପରାବାଙ୍କ ଗ୍ରାମ ଜଳମଗ୍ନ ହୋଇଛି। କେତେକ ଗ୍ରାମରେ ଲୋକଙ୍କ ଘର ଭିତରେ ମଧ୍ୟ ପାଣି ପଶିଛି। ଗ୍ରାମ ରାସ୍ତା ସବୁ ପାଣିରେ ବୁଡ଼ି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲୋକେ ଜଳବନ୍ଦୀ ହୋଇ ରହିଥିବାରୁ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଅପରପକ୍ଷେ ଚାଷଜମି ଉପରେ ବନ୍ୟା ପାଣିର ସୁଅ ଚାଲିଛି। ଫଳରେ ଧାନଗଛ ସବୁ ପଚି ନଷ୍ଟ ହେବାର ଆଶଙ୍କା ଉପୁଜିଛି। ବନ୍ୟାଘେରରେ ଥିବା ବିପନ୍ନଙ୍କ ପାଇଁ ତୁରନ୍ତ ରିଲିଫ୍ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ରାତିରେ ପାଣିଘେରରୁ ଉଦ୍ଧାର ହେଲେ ଲୋକେ



ତିହିଡ଼ି ବ୍ଲକର ତଳଗୋପବିନ୍ଧାରେ ଥିବା ଜଳବନ୍ଦୀମାନଙ୍କୁ ବୋଟ୍‌ରେ ଅଣାଯାଉଛି।

ଭଦ୍ରକ,୨୭।୧୦ (ସନାତନ ରାଉତ)

ବାତ୍ୟା ପରେ ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଦୁଇଦିନ ପରେ ଏବେବି ଅନେକ ଲୋକ ପାଣିଘରରେ ରହିଛନ୍ତି। ରେବ, କପାଳି ଓ ସାଳନ୍ଦୀ ନଦୀରେ ଜଳସ୍ତର ବଢୁଥିବାରୁ ଶନିବାର ସକାଳୁ ଲୋକଙ୍କ ଘରେ ପାଣି ପଶିବା ସହ ଗ୍ରାମ୍ୟରାସ୍ତାରେ ସୁଅ ଚାଲିଥିଲା। ମୁତୟନ ରହିଥିବା ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟରେ ଲାଗି ରହିଛନ୍ତି। ପୋଲିସ କର୍ମଚାରୀମାନେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ବାତ୍ୟା ପାଇଁ ଭଦ୍ରକ ଜିଲା ଦାୟିତ୍ୱରେ ରହିଛନ୍ତି। ପୋଲିସ ଅଧିକାରୀମାନେ ମଧ୍ୟ ତାଙ୍କ ଟିମ୍‌କୁ ନେଇ ରାସ୍ତା ସଫା କରିବା ସହ ଜଳବନ୍ଦୀରେ ଥିବା ଲୋକଙ୍କୁ ଉଦ୍ଧାର କରିବାର ଦୃଶ୍ୟ ପ୍ରଶଂସନୀୟ ହୋଇଛି। ଶନିବାର ରାତିରେ ଡିଆଇଜି ଓ ଏସ୍‌ପି ବୋଟ୍ ସାହାଯ୍ୟରେ ତିହିଡ଼ି ବ୍ଲକ ତଳଗୋପବିନ୍ଧା ଗ୍ରାମରୁ ପାଣିଘେରରେ ଥିବା ଲୋକଙ୍କୁ ଉଦ୍ଧାର କରିଥିଲେ।

ସାଳନ୍ଦୀ ନଦୀର ଜଳସ୍ତର ବଢ଼ିବା ଯୋଗୁ ତଳଗୋପବିନ୍ଧା ଗ୍ରାମରେ କିଛି ବୟସ୍କ ବ୍ୟକ୍ତି, ଛୋଟପିଲା ଓ ମହିଳା ଜଳବନ୍ଦୀରେ ଫସି ରହିଥିବା ରାତି ପ୍ରାୟ ସାଢ଼େ ୮ରେ ଖବର ଆସିଥିଲା। ଖବର ପାଇବା ପରେ ଡିଆଇଜି ନାୟକଙ୍କ ସହ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଓଡ୍ରାଫ୍ ଟିମ୍‌କୁ ସାଙ୍ଗରେ ନେଇ ଉଦ୍ଧାର କାର୍ଯ୍ୟରେ ବାହାରି ପଡ଼ିଥିଲେ। ଜଳବନ୍ଦୀରେ ଥିବା ଲୋକଙ୍କ ପାଖରେ ପହଞ୍ଚି ସୁରକ୍ଷିତ ଭାବେ ପ୍ରାୟ ୩୦ ଲୋକଙ୍କୁ ଉଦ୍ଧାର କରି ଐଶାନ୍ୟଚଣ୍ଡୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ଛାଡ଼ିଥିଲେ। ରବିବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଉଦ୍ଧାର କାର୍ଯ୍ୟର ଘଟଣା ସମ୍ପର୍କରେ ଡିଆଇଜି କହିବା ସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ଯୋଦ୍ଧାଙ୍କୁ ସାଧୁବାଦ ଜଣାଇଛନ୍ତି। ଏସ୍‌ପି ଓ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଓସିଏସ୍‌ରେ ସଫଳ ଶ୍ୱେତାଶ୍ରୀ, ସୌମ୍ୟରଞ୍ଜନଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୨୭।୧୦(ସନାତନ ରାଉତ)

ଭଦ୍ରକ ସହର କଣ୍ଟାବଣିଆସ୍ଥିତ ମଦ୍ରାସା ଫୈଯାନେ ଗରୀବ ନୱାଜଠାରେ ଫୈଯେ ରଯା ଏଜୁକେଶନାଲ ଆଣ୍ଡ୍ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ଟପ୍ପର ହୋଇଥିବା ଶ୍ୱେତାଶ୍ରୀ ମହାପାତ୍ର ଓ ସଫଳତା ହାସଲ କରିଥିବା ପୁରୁଣାବଜାରସ୍ଥିତ କଦମବେଡ଼ାର୍ ସୌମ୍ୟରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଟ୍ରଷ୍ଟର ସମ୍ପାଦକ ଶେଖ୍ ମୋଇନୁଦ୍ଦିନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା ହାଫିଜ ଓକାରୀ ୱଲିଉର ରହେମାନଙ୍କ କୋରାନପାଠରୁ ଆରମ୍ଭ ହୋଇଥିବା ବେଳେ ସୁପ୍ରସିଦ୍ଧ କବି ମାଷ୍ଟର ମୁସ୍ତାକ ଗୌହର ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଅନ୍ୟତମ ଅତିଥି ଭାବେ ଭଦ୍ରକ ପୁରୁଣାବଜାର ଥାନା ଅଧିକାରୀ ନିରୋଜ କୁମାର ସାମଲ ଯୋଗଦେଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ୱେତାଶ୍ରୀ ଏବଂ ସୌମ୍ୟରଞ୍ଜନଙ୍କ ମା' ବାପାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି କିଛିଦିନ ତଳେ ସମ୍ପନ୍ନ ହୋଇଥିବା ଇଦ୍ ମିଲାଦୁନ୍ ନବୀ ଶାନ୍ତିଶୃଙ୍ଖଳାରେ ପାଳନ ହୋଇଥିବାରୁ ମୁସ୍‌ଲିମ୍ ଜମାତର ସାଧାରଣ ସମ୍ପାଦକ ହାଜୀ ସେଖ୍ ଏନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୋକିତ୍ ଖାନ, ହାଜୀ ଅନୱର ହୋସେନ, ହାଜୀ କୟୁମ ଅଲୀ ଶାହା, ହାଜୀ ଅବୁ ହୋସେନ ଖାନ୍, ମିର୍ଜା ଏକ୍ରାମ ବେଗ୍, ଅଖତର ଅଲୀ ଖାନ, ମିଡିଆ ସେଲ୍‌ର ସଂଯୋଜକ ଶେଖ୍ ଅନୱର(ବାବୁ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଚଳିତବର୍ଷ ଇଦ୍ ମିଲାଦୁନ୍ ନବୀ ବିନା ଡିଜେ, ଭାଇବ୍ରେଟରରେ, ଶାନ୍ତିଶୃଙ୍ଖଳାର ସହ ଜୁଲୁସ ଓ କାଫେଲା ବାହାରି ଥିବାରୁ ବସ୍ତିର ମୁଖ୍ୟମାନେ ସମ୍ବର୍ଦ୍ଧିତ ହୋଇଥିଲେ। ସେଖ୍ ଗୋଲାମ ମହମ୍ମଦ, ସେଖ ଆସିକ, ସେଖ ଶାହିଦ ରଫିକ, ମହମ୍ମଦ ଅବଦୁର ରହିମ, ସେଖ ଅବଦୁଲ ବାରି, ଇସତାକ ଖାନ, ସାହଜାନ ଖାନ, ଅବଦୁଲ ଆବିଦ ଖାନ, ସାବିର ଖାନ୍ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ପାରିଷଦ ସୈୟଦ ନାସିର ଅଲୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବର୍ଦ୍ଧନା ଅବସରରେ ଅତିଥିଙ୍କ ସହ ଶ୍ୱେତାଶ୍ରୀ ମହାପାତ୍ର ଓ ସୌମ୍ୟରଞ୍ଜନ ବେହେରା।

## ଗାଁ ପାଣିଘେରରେ, ଲୋକେ ଆଶ୍ରୟସ୍ଥଳରେ



ଗଣିଜାଙ୍ଗ ନୂଆସାହିରେ ୩ ଫୁଟ୍‌ର ପାଣି ଚାଲିଛି।

ବନ୍ତ,୨୭।୧୦(ହରି ନାରାୟଣ ମହାନ୍ତି)

**ରନ୍ଧାଖାଦ୍ୟ, ରିଲିଫ ଯୋଗାଉଛି ପ୍ରଶାସନ**

ବାତ୍ୟା 'ଦାନା' ଲୋକଙ୍କୁ ଦୁଃଖ ଦେଇଯାଇଛି। ବନ୍ତ ବ୍ଲକର ବହୁ ଗାଁ ପାଣିଘେରରେ ରହିଥିବା ବେଳେ ଅନେକ ଲୋକ ଏବେ ମଧ୍ୟ ଆଶ୍ରୟସ୍ଥଳରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳରେ ଥିବା ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସେହିପରି ପାଣିଘେରରେ ଥିବା ଲୋକଙ୍କୁ ରିଲିଫ ବଣ୍ଟନ କରାଯାଉଛି। ପ୍ରଶାସନିକ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ପଞ୍ଚାୟତ ଜନପ୍ରତିନିଧି ଓ କର୍ମଚାରୀଙ୍କ ସହ ଆଲେଚନା କରିଛନ୍ତି। ରେବ ନଦୀ କୂଳବର୍ତ୍ତୀ ରାମକୃଷ୍ଣପୁର ପଞ୍ଚାୟତର ଭୁଗୁପୁର ଗ୍ରାମ ଏବେ ମଧ୍ୟ ଜଳବନ୍ଦୀ ହୋଇ ରହିଛି। ଅଳଉତି ଗ୍ରାମର କେତେକ ଲୋକଙ୍କ ଘରେ ପାଣି ପଶିଛି। ରାମକୃଷ୍ଣପୁର ଓ ରାମପୁର ପଞ୍ଚାୟତର ପ୍ରାୟ ୧ ହଜାର ଲୋକ ପାଣିଘେରରେ ଥିବା ଜଣାଯାଇଛି। ରବିବାର ୨ ପଞ୍ଚାୟତର ୨ଶହ ଲୋକଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଓ ରିଲିଫ ଦିଆଯାଇଛି। ରାମକୃଷ୍ଣପୁର ପଞ୍ଚାୟତ ୫ନଂ.ୱାର୍ଡ ଖିଲାରସାହି ଓ ଗୋପାଳସାହିରେ ରିଲିଫ ବଣ୍ଟନ କରାଯାଇଛି। ଅଳଉତି ଗ୍ରାମରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ କରାଯାଇଛି। ଗଣିଜାଙ୍ଗ ପଞ୍ଚାୟତର ରୁପୁଡି, ବୃନ୍ଦାବନପୁର ଗ୍ରାମରେ ଏବେ ବି ପାଣି କମିନାହିଁ। ରାସ୍ତାରେ ପାଣି ଚାଲିବା ସହ ବହୁ ଲୋକଙ୍କ ଘରେ ପାଣି ଜମି ରହିଛି। ଗୋପାଳପୁର ଗ୍ରାମର ୨୦ରୁ ଅଧିକ ଲୋକଙ୍କ ଘରେ ପାଣି ପଶିଛି।

ଗଣିଜାଙ୍ଗ ପଞ୍ଚାୟତ ବିନାୟକପୁର ଗ୍ରାମରେ ଚାଷୀଙ୍କ ପରିବା ଚାଷ ନଷ୍ଟ ହୋଇଛି। ଗଣିଜାଙ୍ଗ ନୂଆସାହିର ଶତାଧିକ ଲୋକ ପାଣିଘେରରେ ରହିଛନ୍ତି। ହାସିନପୁର ଯେନାସାହିରେ ଲୋକଙ୍କ ଘରେ ପାଣି ପଶିବା ସହ ରାସ୍ତାଘାଟ ବୁଡ଼ି ରହିଛି। ଛୟାଳସିଂହ ପଞ୍ଚାୟତ ପଳସା ତଳସାହିରେ ପାଣି ପଶିବା ସହ ପରିବା ଚାଷ ନଷ୍ଟ ହୋଇଛି। ଛୟାଳସିଂହସ୍ଥିତ ଖଗେଶ୍ୱର ନୋଡାଲ ଉ.ପ୍ରା. ବିଦ୍ୟାଳୟ ଆଶ୍ରୟସ୍ଥଳରେ ୫୦ ଓ ଗଣିଜାଙ୍ଗ ନେହେରୁ ସରକାରୀ ଉଚ୍ଚ ବିଦ୍ୟାପୀଠରେ ୫୦ ଲୋକ ରହିଛନ୍ତି। ଗଣିଜାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ଏବିଡିଓ ନିଶିକାନ୍ତ ଖୁଣ୍ଟିଆ ପହଞ୍ଚି ସରପଞ୍ଚ, ସମିତିସଭ୍ୟ, ପିଇଓଙ୍କ ସହ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେହିପରି ବିଡିଓଙ୍କ ସମେତ ଅଧିକାରୀମାନେ ଆଶ୍ରୟସ୍ଥଳକୁ ଯାଇ ଲୋକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି।

## 'ସମସ୍ତଙ୍କ ସହଯୋଗରେ ହେଲା ବାତ୍ୟା ମୁକାବିଲା'

ଭଦ୍ରକ,୨୭।୧୦(ସନାତନ ରାଉତ)

ବାତ୍ୟା 'ଦାନା' ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭଦ୍ରକ ଜିଲା ଦାୟିତ୍ୱରେ ଥିଲେ। ବାତ୍ୟାର ୨ଦିନ ପୂର୍ବରୁ ବାସୁଦେବପୁର, ଚାନ୍ଦବାଲି, ତିହିଡ଼ି, ଧାମନଗର, ଭଦ୍ରକ ଆଦି ବ୍ଲକରେ ବିଭିନ୍ନ ଆଶ୍ରୟସ୍ଥଳ ପରିଦର୍ଶନ କରିବା ସହ ଜିଲା ପ୍ରଶାସନ ସହ ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ତଳ ଅଞ୍ଚଳର ଲୋକଙ୍କୁ ବୁଝାଶୁଝା କରି ଆଶ୍ରୟସ୍ଥଳକୁ ନେଇଥିଲେ। ଆଶ୍ରୟସ୍ଥଳରେ ଲୋକଙ୍କ ଖାଇବା, ରହିବା ବ୍ୟବସ୍ଥା ମଧ୍ୟ ଉପସ୍ଥିତ ରହି ତଦାରଖ କରିଥିଲେ। ଜିଲା ପ୍ରଶାସନର ଅଧିକାରୀମାନେ ଏ ସମସ୍ତ କାମରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ବାତ୍ୟାକୁ ମୁକାବିଲା କରିବାରେ ଆପ୍ରାଣ ଉଦ୍ୟମ କରିଥିଲେ ବୋଲି ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଏ ମୁକାବିଲାରେ ନିୟୋଜିତ ପ୍ରଶାସନିକ ଅଧିକାରୀ, ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ପୋଲିସ, ଦମକଳ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ ସମସ୍ତଙ୍କୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି।

ଏହାବ୍ୟତୀତ ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ କାର୍ଯ୍ୟକୁ ମନ୍ତ୍ରୀ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ସାଳନ୍ଦୀ, ରେବ, କପାଳୀ, ଯ ନଦୀରେ ବନ୍ୟା ଆସିଥିବାରୁ ଅଦ୍ୟାବଧି ପାଣିଘେରରେ ଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି। ବାତ୍ୟା ପୂର୍ବରୁ ସମସ୍ତ ଆଶ୍ରୟସ୍ଥଳୀକୁ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ପଠାଇ ଦିଆଯାଇଥିଲା। ସମସ୍ତଙ୍କ ସହଯୋଗରେ ଏପରିକି ପ୍ରତିପକ୍ଷମାନଙ୍କ ସହଯୋଗରେ ମିଳିତ ଭାବେ ବିପଦକୁ ସାମ୍ନା ତଥା ବାତ୍ୟା ମୁକାବିଲା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷେତ୍ରୀୟ ତଦନ୍ତ ପାଇଁ ତହସିଲଦାର ଏବଂ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଜେଜେଙ୍କ ଦ୍ୱାଦଶାହରେ ନାଳରେ ବୁଡ଼ି ନାତି ନିଖୋଜ

ଧାମନଗର/ ଅସୁରାଳି,୨୭।୧୦
(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ ପ୍ରଧାନ)

ଜେଜେଙ୍କ ଦ୍ୱାଦଶାହ ଦିନ ନାତି ନାଳରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ ଧୁଷୁରୀ ପଞ୍ଚାୟତ ବ୍ରାହ୍ମଣୀପାଳ ପଣ୍ଡାପାଟଣା ଗ୍ରାମରେ ରବିବାର ଏଭଳି ଦୁଃଖଦ ଘଟଣା ଘଟିଛି। ନିଖୋଜ ଯୁବକ ହେଉଛନ୍ତି ଗ୍ରାମର ପ୍ରଶାନ୍ତ ପଣ୍ଡାଙ୍କ ପୁଅ ରୁଦ୍ରନାରାୟଣ (୨୦)। ସେ ପୂର୍ବାହ୍ନରେ ସ୍ଥାନୀୟ ଗେଙ୍ଗୁଟି ନଦୀରୁ ବାହାରିଥିବା କଣ୍ଡିଆ ନାଳରେ ସାଙ୍ଗ ସହ ଗାଧୋଉଥିଲେ। ଗୋଡ଼ ଖସିଯିବାରୁ ରୁଦ୍ର ବୁଡ଼ି ଯାଉଥିବା ଦେଖି ତାଙ୍କ ସାଙ୍ଗ ଡାକ ପକାଇଥିଲେ। ଡାକ ଶୁଣି ଲୋକେ ପହଞ୍ଚିଲା ବେଳକୁ ରୁଦ୍ର ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଖବର ପାଇ ଧୁଷୁରୀ ପୋଲିସ ଓ ଧାମନଗର ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ରୁଦ୍ରଙ୍କ କୌଣସି ପତ୍ତା ମିଳି ନ ଥିଲା।

## ବାତ୍ୟା, ବର୍ଷାରେ ଉଜୁଡ଼ିଗଲା ଚାଷ

ଭଣ୍ଡାରିପୋଖରୀ,୨୭।୧୦(ରାଜେନ୍ଦ୍ର ଶତପଥୀ)

ବାତ୍ୟା ଓ ଲଗାଣ ବର୍ଷାରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଚାଷ ଉଜୁଡ଼ି ଯାଇଛି। ୩ ହଜାର ୫ ଶହ ହେକ୍ଟର ଖରିଫ ଧାନଚାଷ ପ୍ରଭାବିତ ହୋଇଥିବା କୃଷି ବିଭାଗର ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ମୁଖ୍ୟତଃ ଷୋଳମପୁର, ମାଳଦା, ରହଣିଆ, ଜଳମଣ୍ଡୁଆ, ନିର୍ଗୁଣ୍ଡି ଆଦି ପଞ୍ଚାୟତରେ ଧାନଚାଷ ପ୍ରଭାବିତ ହୋଇଛି। ଏଥିସହ ୨୦ ହେକ୍ଟର ଆଖୁ ଚାଷ ମଧ୍ୟ ନଷ୍ଟ ହୋଇଛି। ନିର୍ଗୁଣ୍ଡି ଓ କେରିଗାଁ ପଞ୍ଚାୟତର ଆଖୁଚାଷ ସହ ଜଳମଣ୍ଡୁଆ ପଞ୍ଚାୟତର ପଦିନାରାୟଣପୁର ଓ ରହଣିଆ ପଞ୍ଚାୟତର ରାଣୀଗଡ଼ିଆ ଗ୍ରାମରେ ଆଖୁ ଚାଷ ପ୍ରଭାବିତ ହୋଇଛି। ଆଗାମୀ ୨ ଦିନ ମଧ୍ୟରେ ରାଜସ୍ୱ ଓ କୃଷି ବିଭାଗର ମିଳିତ ଅନୁଧ୍ୟାନ ପରେ ବାସ୍ତବ କ୍ଷୟକ୍ଷତି ଚିତ୍ର ସ୍ପଷ୍ଟ ହୋଇପାରିବ ବୋଲି ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ୧୫ ହେକ୍ଟର ଜମିର ପନିପରିବା ଚାଷ, ୨ ହେକ୍ଟର ଜମିର କଦଳୀ, ଅମୃତଭଣ୍ଡା, ପିଜୁଳି ଚାଷ ସହ ଉଦ୍ୟୋଗୀ ଉଦୟ ନାରାୟଣ ନନ୍ଦଙ୍କ ଭୂତିଆ ଗ୍ରାମରେ ୨ ହେକ୍ଟର ଗେଣ୍ଡୁଚାଷ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଉଦ୍ୟାନ କୃଷି ବିଭାଗ ପ୍ରାଥମିକ ଭାବେ ଦର୍ଶାଇଛି। ବିଭିନ୍ନ ସ୍ଥାନରେ ଛତୁ ଚାଷ ଆଂଶିକ ପ୍ରଭାବିତ ହୋଇଛି ବୋଲି ବ୍ଲକ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଦର୍ଶନୀ ରଥ ସୂଚନା ଦେଇଛନ୍ତି।

## ୨ ଦିନ ପରେ କଟାଗଲା ଘର ଉପରେ ପଡ଼ିଥିବା ଗଛ

ବାସୁଦେବପୁର,୨୭।୧୦
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଓ ସହରାଞ୍ଚଳରେ ବାତ୍ୟା ପ୍ରଭାବରେ ବହୁ ଗଛ ଭାଙ୍ଗିଯାଇଥିବା ବେଳେ ଘର ମଧ୍ୟ ନଷ୍ଟ ହୋଇଛି। ବାସୁଦେବପୁର ପୌରପାଳିକାର ୨୨ ନଂ. ୱାର୍ଡର ଉମାକାନ୍ତ ଦଳେଇଙ୍କ ଘର ଉପରେ ଏକ ନଡ଼ିଆ ଗଛ ଓ ବଡ଼ ଚାକୁଳା ଗଛ ପଡ଼ିଯିବା ଫଳରେ ତାଙ୍କର ସମସ୍ତ ଘରୋଇ ଉପକରଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଘର ଉପରେ ଗଛ ଦୁଇଟି ପଡ଼ିବା ବେଳେ ସୌଭାଗ୍ୟବଶତଃ ଉମାକାନ୍ତଙ୍କ ପରିବାର ଲୋକ ଏହା ଏକ କଚାଘର ହୋଇଥିବାରୁ ଅନ୍ୟତ୍ର ଆଶ୍ରୟ ନେଇଥିଲେ। ଫଳରେ ରକ୍ଷା ପାଇଯାଇଥିଲେ। ଏହି ଘର ଉପରେ ଦୁଇଦିନ ଧରି ଗଛ ପଡ଼ି ରହିଥିଲା। ଶନିବାର ଅପରାହ୍ନରେ ଏକ ଅଗ୍ନିଶମ ଟିମ୍ ପହଞ୍ଚି ତାଙ୍କ ଘର ଉପରୁ ୨ ଗଛକୁ କାଟି ସଫା କରିଛନ୍ତି। ହେଲେ ତାଙ୍କ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଆସବାବପତ୍ର ନଷ୍ଟ ହୋଇଯାଇଛି। ସେହିପରି ଅଡୁଆ ଗ୍ରାମର ବୃନ୍ଦାବନ ମଲିକଙ୍କ କଚାଘର ଛପର ଉପରେ ଏକ ଗଛ ପଡ଼ିବା ଫଳରେ ତାଙ୍କ ଘରର କିଛି ଅଂଶ ଭାଙ୍ଗିଯାଇଛି। ବିଭିନ୍ନ ସ୍ଥାନରେ ବହୁ ଲୋକଙ୍କ ଘର ଉପରେ ଗଛ ପଡ଼ି ଛପର ନଷ୍ଟ ହୋଇଯିବା ସହ କାନ୍ଥ ଭାଙ୍ଗିଯାଇଛି।



ଏକ ଘର ଉପରେ ପଡ଼ିଥିବା ଗଛକୁ ଅଗ୍ନିଶମ କର୍ମଚାରୀ କାଟି ସଫା କରୁଛନ୍ତି।

# ନିରପେକ୍ଷ ଆକଳନ ହେବ: ମନ୍ତ୍ରୀ

**ବାତ୍ୟା କ୍ଷୟକ୍ଷତି**

ଭଦ୍ରକ,୨୭।୧୦(ସନାତନ ରାଉତ/ରବିନାରାୟଣ ଖିଲାର)



ସମୀକ୍ଷା ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅଧିକାରୀମାନେ।

ବାତ୍ୟା 'ଦାନା' ଯୋଗୁ ଭଦ୍ରକ ଜିଲା ଅଧିକ ପ୍ରଭାବିତ ହୋଇଛି। କ୍ଷୟକ୍ଷତି ଆକଳନରେ କୌଣସି ଜାତି, ଧର୍ମ, ବର୍ଣ୍ଣ, ଦଳକୁ ଗୁରୁତ୍ୱ ନ ଦେଇ ଗରିବ ଓ ପୀଡ଼ିତଙ୍କ ପ୍ରତି ନ୍ୟାୟ ପ୍ରଦାନ ଦିଗରେ ଯତ୍ନବାନ୍ ହେବେ ପ୍ରଶାସନିକ ଅଧିକାରୀ। ନିରପେକ୍ଷ ଭାବେ କ୍ଷୟକ୍ଷତି ଆକଳନ କରିବାକୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ୱସ୍ୱାନ୍ ହଲ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲାପାଳ ଦିଲୀପ ରାଉତରାଏ, ବାତ୍ୟା ପାଇଁ ଜିଲାର ପର୍ଯ୍ୟବେକ୍ଷକ ଥିବା ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଉପସ୍ଥିତ ଥିଲେ।

ଆବଶ୍ୟକ ସ୍ଥଳେ ଆଶ୍ରୟସ୍ଥଳରେ ରହିଥିବା ଲୋକ ଏବଂ ବନ୍ୟା ଯୋଗୁ ଜଳବନ୍ଦୀ ଅଞ୍ଚଳର ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ ଜାରି ରଖିବାକୁ ବିଡିଓ ଏବଂ ତହସିଲଦାରମାନଙ୍କୁ କୁହାଯାଇଛି। ଜିଲାରେ ରବିବାର ସୁଦ୍ଧା ଆଶ୍ରୟସ୍ଥଳରେ ସମୁଦାୟ ୨୫,୭୦୯ଜଣ ଲୋକ ରହିଛନ୍ତି। ଜଳମଗ୍ନ ସ୍ଥିତିକୁ ଦୃଷ୍ଟିରେ ରଖି ଶୂନ ମୃତ୍ୟୁ ଆଭିମୁଖ୍ୟରେ ବିପଦସଙ୍କୁଳ ଓ କଚ୍ଚାଘରେ ରହୁଥିବା ଲୋକଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୭୦ ହଜାର ହେକ୍ଟରରୁ ଅଧିକ ଚାଷଜମି ପ୍ରଭାବିତ ହୋଇଛି। ଜିଲାର ୨୧୮ ପଞ୍ଚାୟତକୁ ରାସ୍ତା ପରିଷ୍କାର, ୧୯୧ ପଞ୍ଚାୟତରେ ବିଦ୍ୟୁତ୍ କ୍ଷତିଜନିତ ପୁନରୁଦ୍ଧାର ଓ ୨୧୨ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ମନ୍ତ୍ରୀ କହିଥିଲେ। ସାମୂହିକ/ବ୍ୟକ୍ତିଗତ କ୍ଷୟକ୍ଷତି ଆକଳନ ଦ୍ରୁତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏବେବି ବିପଦ ଟଳିନାହିଁ। ଶେଷ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ ସହ ମୁକାବିଲାରେ ସଫଳତା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶୂନ ମୃତ୍ୟୁ ଆଭିମୁଖ୍ୟ ହାସଲ ପାଇଁ ଏବେବି ସମସ୍ତଙ୍କ ଉପରେ ଦାୟିତ୍ୱ ଅଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବାତ୍ୟା ସମୟରେ ଭ୍ରାମ୍ୟମାଣ ଚିକିତ୍ସା ପାଇଁ ୨୫ଟି ମେଡିକାଲ ଟିମ୍ ଓ ୭ଟି ପ୍ରାଣୀ ଚିକିତ୍ସା ଟିମ୍ ମୁତୟନ କରାଯାଇଥିଲା ବୋଲି କୁହାଯାଇଛି। ଜୁମ୍ ଜରିଆରେ ଅନୁଷ୍ଠିତ ଏହି ବୈଠକ ସହ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ବିଭାଗୀୟ ଅଧିକାରୀମାନେ ଯୋଡ଼ି ହୋଇ ଆଲୋଚନାରେ ମତାମତ ରଖିଥିଲେ। ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ଜରୁରୀକାଳୀନ ଅଧିକାରୀ ତନ୍ମିତା କର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ମହିଳା ମୃତ

ବାଲେଶ୍ୱର, ୨୭।୧୦(ବାଞ୍ଛାନିଧି ଦେ)–ବାଲେଶ୍ୱର ଓ ନୀଳଗିରି ରୋଡ୍ ରେଳଷ୍ଟେଶନ ମଧ୍ୟରେ ରବିବାର ଟ୍ରେନ୍‌ରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କର ବୟସ ୪୦ ବର୍ଷ ହେବ।

ଅପ୍‌ଲାଇନ୍‌ରେ ଯାଉଥିବା ଏକ ମାଲବାହୀ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ପହଞ୍ଚି ରେଳଧାରଣାରୁ ମୃତଦେହ ଜବତ କରିଛି। ଏ ସମ୍ପର୍କରେ ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯୪/୨୪) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଚିଙ୍ଗୁଡ଼ିଙ୍ଖିଲିରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଭୋଗରାଇ, ୨୭।୧୦(ପ୍ରଦୀପ ଦାସ)–ବାଲେଶ୍ୱର ଜିଲା ଭୋଗରାଇ ଥାନା ଚୁକୁରିହାଜିରା ଗ୍ରାମର ଏକ ଚିଙ୍ଗୁଡ଼ିଙ୍ଖିଲୀରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଆମ୍ବପୁଞ୍ଜି ଗ୍ରାମର ଦେବେନ୍ଦ୍ର ମହନ୍ତ(୩୫)। ବଡନାଙ୍ଗାଇ ଗ୍ରାମର ମାନସ ଜେନାଙ୍କ ଚୁକୁରିହାଜିରା ଗ୍ରାମର ଚିଙ୍ଗୁଡ଼ିଙ୍ଖିଲିରେ ୬ମାସ ଧରି ଦେବେନ୍ଦ୍ର କାର୍ଯ୍ୟରତ ଥିଲେ। ସେଠାରେ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ଶନିବାର ସନ୍ଧ୍ୟାରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବା ପରେ ପାଣିରେ ପଡିଯାଇଥିବା କୁହାଯାଉଛି। ରବିବାର ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୋଲିସ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଜାରି କରିଥିବା ବେଳେ ଡାକ୍ତରଖାନାରେ ମୃତ ଶ୍ରମିକଙ୍କ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଭୋଗରାଇ ଥାନାରେ ମାମଲା(ନଂ.୩୨/୨୪) ରୁଜୁ ହୋଇଛି। ଚିଙ୍ଗୁଡିଙ୍ଖିଲିର ମ୍ୟାନେଜର କାଳୀଚରଣ ଜେନା ଶ୍ରମିକଙ୍କୁ ପାଣିରୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ।

# ବଦଳିଲା ପାଗ, ପର୍ଯ୍ୟଟନସ୍ଥଳୀ ଚଳଚଞ୍ଚଳ

ଭୋଗରାଇ, ୨୭।୧୦(ପ୍ରଦୀପ ଦାସ)



ବାତ୍ୟା ପରେ ସ୍ୱାଭାବିକ ହୋଇଛି ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲାର ପର୍ଯ୍ୟଟନସ୍ଥଳୀ। ଖରା ବର୍ଷାର ଲୁଚକାଳି ମଧ୍ୟରେ ପାଗରେ ମଧ୍ୟ ଉନ୍ନତି ହୋଇଛି। ଭୋଗରାଇ ବ୍ଲକର ଉଦୟପୁର, ତାଳସାରୀ, ବିଚିତ୍ରପୁର ଇକୋ ଟୁରିଜିମ ସହ ଦୀଘା, ଶଙ୍କରପୁର, ତାଜପୁର ଓ ମନ୍ଦାରମଣି ସମୁଦ୍ରକୂଳ ପର୍ଯ୍ୟଟକଙ୍କ ଚଳଚଞ୍ଚଳ ହୋଇଛି। ବାତ୍ୟା ଦାନା ଯୋଗୁ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ସମୁଦ୍ରକୂଳ ଅଶାନ୍ତ ଥିବା ବେଳେ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବା ଲାଗି ପ୍ରଶାସନ ପକ୍ଷରୁ ନିଷେଧାଜ୍ଞା ଜାରି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସମୁଦ୍ରକୂଳ ବେଳାଭୂମିରେ ବାଉଁଶରେ ରଶି ଲଗାଇ ସମୁଦ୍ରକୁ ନ ଯିବାକୁ କଡ଼ାକଡ଼ି କରାଯାଇଥିଲା। ବାତ୍ୟା ଦୁର୍ବଳ ହୋଇଥିବା ବେଳେ ସମସ୍ତ ପର୍ଯ୍ୟଟନସ୍ଥଳୀକୁ ରବିବାରଠୁ ପର୍ଯ୍ୟଟକଙ୍କ ସକାଶେ ପ୍ରଶାସନ ଖୋଲି ଦେବା ପରେ ପର୍ଯ୍ୟଟକଙ୍କ ବେଳାଭୂମିରେ ଭିଡ଼ ଜମିଥିଲା। ଉଦୟପୁର ଓ ଦୀଘାରେ ପର୍ଯ୍ୟଟକମାନେ ସମୁଦ୍ରରେ ଗାଧୋଇବାର ମଜା ନେଇଥିଲେ। ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବ ମନ୍ଦିରରେ ପଶ୍ଚିମବଙ୍ଗ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

# ଜିଲା ଦଳୀୟ କାର୍ଯ୍ୟାଳୟରେ ଶୁଣିଲେ ଭାଜପା ନେତା



ମନ୍–କି–ବାତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ବାଲେଶ୍ୱର, ୨୭।୧୦(ବାଞ୍ଛାନିଧି ଦେ)

**ପ୍ରଧାନମନ୍ତ୍ରୀଙ୍କ ମନ୍-କି-ବାତ୍ କାର୍ଯ୍ୟକ୍ରମ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ବିଶ୍ୱର ସର୍ବାଦୃତ ଲୋକପ୍ରିୟ କାର୍ଯ୍ୟକ୍ରମ ମନ୍–କି–ବାତ୍‌ର ୧୧୫ତମ ସଂସ୍କରଣ ପ୍ରସାରିତ ହୋଇଛି। ଏଥିରେ ସବୁଥର ଭଳି ଅନେକ ବିନ୍ଦୁ ଉପରେ ଚର୍ଚ୍ଚା ଆଲୋଚନା କରିଥିଲେ। ସବୁଠାରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆନିମେଶନ୍ ଦୁନିଆରେ ଭାରତ ଏକ ନୂତନ ବିପ୍ଳବ ଆଡକୁ ଗତି କରୁଛି ଏବଂ ଦେଶକୁ ବିଶ୍ୱ ଆନିମେଶନ୍ ପାୱାରହାଉସ୍ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। 'ଛୋଟା ଭୀମ', 'ହନୁମାନ' ଏବଂ 'ମୋଟୁ–ପତଲୁ' ପରି ଭାରତୀୟ ଆନିମେଟେଡ୍ ସିରିଜର ଲୋକପ୍ରିୟତା ବିଷୟରେ ସେ ଉଲ୍ଲେଖ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସବୁଠାରୁ ଅଧିକ ପ୍ରେରଣାଦାୟୀ ବିଷୟ ଥିଲା ଡିଜିଟାଲ ଆରେଷ୍ଟ। ଯେଉଁଥିରେ ପ୍ରଥମଥର ପାଇଁ ପିଏମ ମୋଦୀ ଡିଜିଟାଲ ଗିରଫ ଘଟଣା ବିଷୟରେ କହିଥିଲେ ଏବଂ ଲୋକଙ୍କୁ ସଚେତନ କରାଇଥିଲେ। ଏହାବ୍ୟତୀତ ସେ ଏହାକୁ ରୋକିବା ପାଇଁ ଉପାୟ ବିଷୟରେ ମଧ କହିଥିଲେ। ମନ୍–କି–ବାତ୍ ଶୁଣିବା ପାଇଁ ବାଲେଶ୍ୱର ଭାଜପା ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ମହିଳାନେତ୍ରୀ ସୁଷମାରାଣୀ ବିଶ୍ୱାଳ, ଜିଲା ଉପସଭାପତି କମଳଲୋଚନ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲା ସମ୍ପାଦିକା ମହୁଆ ପ୍ରଧାନ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁସ୍ମିତା ପଣ୍ଡା, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ଓ ମଧୁଶ୍ରୀ ପଣ୍ଡା ଉପସ୍ଥିତ ଥିଲେ।

## ରାଇବଣିଆରେ ହାତୀପଲଙ୍କ ଦୌରାତ୍ମ୍ୟ

ଜଳେଶ୍ୱର, ୨୭।୧୦(ରବିନାରାୟଣ ପାତ୍ର)–ଜଳେଶ୍ୱର ବ୍ଲକ ରାଇବଣିଆର ୩ଟି ଗାଁରେ ହାତୀମାନେ ଧାନଚାଷର ବ୍ୟାପକ କ୍ଷତି କରିଥିବାରୁ ବନବିଭାଗ, ସ୍ଥାନୀୟ ଲୋକଙ୍କ ପକ୍ଷରୁ ହାତୀକୁ ପଶ୍ଚିମବଙ୍ଗକୁ ଘଉଡାଇ ଦିଆଯାଇଛି। ପଶ୍ଚିମବଙ୍ଗର କେଶରେଖା ରେଞ୍ଜ ଅଧୀନ ଦୋଳଗାଁ ଓ ଜଳେଶ୍ୱର ରେଞ୍ଜର ମହୁଡୁମା ଓ ଛୋଟ ବେଗୁନିଆ ଗାଁ ସୀମାରେ ଏହି ୫୫ଟି ହାତୀ ରହିଥିବାରୁ ଦୁଇ ରାଜ୍ୟ ବନ କର୍ମଚାରୀଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ରାଇବଣିଆର କଙ୍କଡାଫେରା, କୁଶଗଡ ଓ ଛୋଟ ବେଗୁନିଆ ଗ୍ରାମବାସୀ ଚାଷରେ କ୍ଷତି ଯୋଗୁ ଉତ୍ତ୍ୟକ୍ତ ହୋଇଥିବା ବେଳେ ବନକର୍ମଚାରୀ ସେମାନଙ୍କୁ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିବର୍ଷ ରାଇବଣିଆର ବରଡିହା, କାଳିକ, କଳମା, ଖୁଆଡ, ଓଲମରା, ସର୍ଦ୍ଦାରବନ୍ଧ, ଶ୍ୟାମନଗର ପଞ୍ଚାୟତରେ ବ୍ୟାପକ କ୍ଷତି ହେଉଛି। ଗତ ୩ବର୍ଷ ତଳେ କେତେକ ସ୍ଥାନରେ ଟ୍ରେଞ୍ଚ ଖୋଳାଯାଇଥିବା ବେଳେ ଅନ୍ୟ ବହୁ ସ୍ଥାନରେ ଟ୍ରେଞ୍ଚ ଖୋଳାଯିବାର ଆବଶ୍ୟକତା ଥିବା ବେଳେ ବନବିଭାଗ ସେଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ପଶ୍ଚିମବଙ୍ଗର ରାଇବଣିଆ ପଟେ ଓଡିଶାକୁ ପ୍ରବେଶ କରୁଛି।

## ବାତ୍ୟା ପ୍ରଭାବରେ ସୋରରେ ବ୍ୟାପକ ନଷ୍ଟ

ସୋର, ୨୭।୧୦(ଜନ୍ମେଜୟ ମିଶ୍ର)



ଘର ଉପରେ ଭାଙ୍ଗି ପଡିଥିବା ଗଛକୁ କାଟି ସଫା କରାଯାଉଛି।

ବାତ୍ୟା ଦାନା ଯୋଗୁ ସୋରରେ ବ୍ୟାପକ ନଷ୍ଟ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ପଡି ଏବେ ବି ରାସ୍ତା ଅବରୋଧ ହୋଇଛି। ଏତେ ପରିମାଣରେ ଗଛ ଭାଙ୍ଗିପଡିଛି ଯେ, ପ୍ରଶାସନ ତରଫରୁ ଗଛ କାଟିବା କଷ୍ଟକର ହୋଇପଡିଛି। ସେହିପରି ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇ ଗଛ ପଡି ତାର ଛିଡିଯାଇଛି। ଫଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ଅନେକ ଚାଳଛପର. ଓ ଆଜବେଷ୍ଟସ୍ ଘର ଉପରେ ଗଛ ପଡିଯାଉଛି। ସୋର ବ୍ଲକ ଓ ମ୍ୟୁନିସିପାଲିଟି ଅଧୀନରେ ୧୫୯ ଘର ଭାଙ୍ଗିଥିବା ତହସିଲ ରିପୋର୍ଟରୁ ଜଣାପଡିଛି। ଅନ୍ୟପକ୍ଷରେ କାଂଶବାଂଶ ନଦୀ ଓ ପିତାକାଳିଆ ନଦୀରେ ଜଳସ୍ତର ବୃଦ୍ଧିପାଇଛି। ନଦୀଗାଁ ପଞ୍ଚାୟତରେ ବାତ୍ୟା ପରେ ବନ୍ୟା ପାଣି ଘରେ ପଶିଥିବା ବେଳେ ଘରର କାନ୍ଥ ଦବିଯାଇଥିବା ଦେଖିବାକୁ ମିଳିଛି। ଗ୍ରାମର ପର୍ଶୁରାମ ସେଣ, ପ୍ରଭାକର ସେଣ, ଗୟାଧର ସେଣ, ତପନ ସେଣ ଏବଂ ସଞ୍ଜୀବ ଦାସଙ୍କ ଘରେ ପାଣି ପଶିଯିବା ସହିତ ସଞ୍ଜୀବ ଦାସଙ୍କ ଘର ଉପରେ ଗଛ ପଡି ଘର ଭାଙ୍ଗିଯାଇଛି। କାଂଶବାଂଶ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳର ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସୋର ମ୍ୟୁନିସପାଲିଟିର ଅଧିକାଂଶ ଗ୍ରାମ ଓ ବ୍ଲକର ସମସ୍ତ ପଞ୍ଚାୟତ ଅନ୍ଧାରରେ ରହିଛି। ବିଶେଷକରି କେଦାରପୁର, ତଳନଗର, ପାଖରଗୁଡ଼, ଅନନ୍ତପୁର, ସାଜନପୁର, ସବିରା, ନଦୀଗାଁ, ଦହିସଡା ମହୁମୁହାଣ ସିଙ୍ଗାଖୁଣ୍ଟା ପଞ୍ଚାୟତର ବିଶେଷ କ୍ଷୟକ୍ଷତି ହୋଇଛି।

## ଚାଷ ଜମିକୁ ଖଣି ପାଣି: ଆନ୍ଦୋଳନକୁ ଓହ୍ଲାଇବେ ଚାଷୀ

ଖଇରା, ୨୭।୧୦(ଉତ୍କଳବନ୍ଧୁ ପଣ୍ଡା)



ମେଶିନ ଲଗାଇ ଜଳ ନିଷ୍କାସନ କରାଯାଉଛି।

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡରେ ଖଣି ବ୍ୟବସାୟୀମାନେ ନିଜ ଖଣିଗାତରେ ଭର୍ତ୍ତି ବର୍ଷା ପାଣିକୁ ମେଶିନରେ ବାହାର କରି ଖଣି ସଂଲଗ୍ନ ଚାଷଜମିକୁ ଛାଡୁଛନ୍ତି। ଯେଉଁଥିପାଇଁ ଗୁଆପାଳ, କଦଳୀଗଡିଆ, ଗଗୁଆ ଗ୍ରାମର ଚାଷୀଙ୍କର ୫୦ଏକରରୁ ଉର୍ଦ୍ଧ୍ୱ ଚାଷଜମିରେ ଧାନଗଛ ପଚି ନଷ୍ଟ ହେବାକୁ ବସିଲାଣି। ଖଣି ବ୍ୟବସାୟୀଙ୍କ ଚାଷୀ ମାରଣନୀତିକୁ ନେଇ ଶତାଧିକ ଚାଷୀ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅବଗତ କରାଇଛନ୍ତି। ତୁରନ୍ତ ଜମିକୁ ପାଣି ଛଡା କାମ ବନ୍ଦ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚାଷୀ ବିଶ୍ୱନାଥ ମହାପାତ୍ର, କାସିନ ସ, ବାବାଜୀ ସ, ବସନ୍ତ ସ ଓ କାଳିଆ ସ ପ୍ରମୁଖ ପ୍ରକାଶ କରିଛନ୍ତି। ଖଣି ବ୍ୟବସାୟୀମାନେ ନିୟମ ଉଲ୍ଲଂଘନ କରି ୧୫ ଫୁଟ ଗଭୀରତାରୁ ପଥରଖୋଳିବିକ୍ରିକରିବା ନେଇ ଅଭିଯୋଗ ହୋଇଆସୁଥିଲା। ଏବେ ବାତ୍ୟା ଦାନା ପରେ ପ୍ରବଳ ବର୍ଷା ପରେ ଏହି ଖଣି ଗାତଗୁଡିକ ପାଣି ଭର୍ତ୍ତି ହେବା ପରେ ଖଣି ବ୍ୟବସାୟୀମାନେ ବ୍ଲାଷ୍ଟି ପାଇଁ ବଡ ମେଶିନ ଲଗାଇ ଜଳ ନିଷ୍କାସନ କରି ଚାଷ ଜମିକୁ ଛାଡୁଥିବା ନେଇ ଅଭିଯୋଗ ହୋଇଛି।

**ମୟୂରଭଞ୍ଜ**

# ଭାଙ୍ଗିଲା ଘର, ଉଜୁଡ଼ିଲା ଫସଲ

ଉଦଳା, ୨୭।୧୦(ସନ୍ତୋଷ କୁମାର ବାଞ୍ଛିନୀ)



ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ମାଟି ଘର।



ନଷ୍ଟ ହୋଇଥିବା ଧାନ ଫସଲ।

ମୟୂରଭଞ୍ଜ ଜିଲା ଉଦଳା ଓ କପ୍ତିପଦା ବ୍ଲକ ଅଞ୍ଚଳରେ ବାତ୍ୟା 'ଦାନା' ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଲଗାଣ ବର୍ଷା ପବନ ଯୋଗୁ ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନେକ ଲୋକଙ୍କ କଚ୍ଚା ଘର ଭାଙ୍ଗିଯାଇଛି। କପ୍ତିପଦା ବ୍ଲକରେ ସର୍ବାଧିକ ଫସଲ ନଷ୍ଟ ହୋଇଛି। ଉଦଳା ବ୍ଲକର ୧୨ଟି ପଞ୍ଚାୟତରେ ମଧ ଧାନ ଫସଲ ସହିତ ପରିବା ଫସଲ କ୍ଷତି ହୋଇଛି। ଅନେକ ସ୍ଥାନରେ ଗଛ ପଡ଼ି ଘର ଭାଙ୍ଗିଯାଇଛି। କଚ୍ଚା ଘରେ ରହୁଥିବା ଲୋକଙ୍କ ଘରେ ପାଣି ପଶି ଘର କାନ୍ଥ ଭାଙ୍ଗି ଯାଇଛି।

ଉଦଳା ବ୍ଲକ ଅଧୀନ ରାଢ଼ୋ ପଞ୍ଚାୟତ ଦାନ୍ତିଆସାହି, ନୂଆସାହି, ଚୁଲଖାଣିଆ ଗ୍ରାମରେ ଟାଙ୍ଗଣା ନଦୀ ପାଣି ପଶି ଅନେକ ଲୋକଙ୍କ କଚ୍ଚା ଘର ଭାଙ୍ଗି ଯାଇଛି। ଚୁଲଖାଣିଆ ଗ୍ରାମର ଟୁନୁ ସିଂ, ସୁଶାନ୍ତି ସିଂ, ଗୋବିନ୍ଦ ସିଂ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ବେଳେ ସେମାନଙ୍କ ଘର ମାଟି କାନ୍ଥ ଭୁଶୁଡ଼ି ପଡ଼ିଛି। ସେହିପରି କାର୍ତ୍ତିକେଶ୍ୱର ପଲେଇ, ପଦ୍ମିନୀ ବେହେରାଙ୍କ ଘର ଭାଙ୍ଗିଥିଲେ ମଧ କେହି ପ୍ରଶାସନିକ ଅଧିକାରୀ ପହଞ୍ଚି ନାହାନ୍ତି। ପବନରେ ଧାନ ଗଛ ସବୁ ଭାଙ୍ଗି ପଡ଼ିଥିବା ବେଳେ ବର୍ଷା ପାଣିରେ ବୁଡ଼ି ରହିଛି। ଯାହାକି ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ଧାନଚାଷ ଉଜୁଡ଼ିଗଲେ କରଜ ଓ ଋଣ କିପରି ଶୁଝିବେ ବୋଲି କଅଁରପାଳ ଗ୍ରାମର ଜ୍ଞାନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଗିରିଶ ଚନ୍ଦ୍ର କାଣ୍ଡି ପ୍ରମୁଖ କହିଛନ୍ତି। ସେହିପରି ବାତ୍ୟା ପରେ ଦୁଃଖ କଷ୍ଟରେ ରହିଥିବା ଅମିତ ବେହେରା, ଯୋଗେନ୍ଦ୍ର ରାଉତ ଓ ଅଜିତ ରାଉତ ପ୍ରମୁଖ କହିଛନ୍ତି। ପ୍ରଶାସନିକସ୍ତରରେ ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ଜରୁରୀ ହୋଇପଡ଼ିଛି।

## ଆରମ୍ଭ ହେଲା କ୍ଷୟକ୍ଷତି ଆକଳନ

ବାରିପଦା, ୨୭।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବାତ୍ୟା 'ଦାନା' ପରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପ୍ରଶାସନ କ୍ଷୟକ୍ଷତି ଆକଳନ ଆରମ୍ଭ କରିଛି। ବିଭିନ୍ନ ବିଭାଗର ଅଧିକାରୀମାନେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ବିଶେଷ ଭାବେ ପାଚିଲା ଧାନ କ୍ଷେତଗୁଡ଼ିକୁ ମିଳିତ ତଦନ୍ତ କରାଯାଇ ନଭେମ୍ବର ୨ତାରିଖ ସୁଦ୍ଧା ଏସ୍‌ଆର୍‌ସିଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର ପ୍ରକାଶ କରିଛନ୍ତି ।

ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ବନ୍ୟାଜଳ ତଳିଆ ଅଞ୍ଚଳରେ ପ୍ରବେଶ କରିଥିଲା। ବିଭିନ୍ନ ସ୍ଥାନରେ ପୋଲ ଉପରେ ପାଣି ପ୍ରବାହିତ ହୋଇଥିବାରୁ ଗମନାଗମନ ବନ୍ଦ ରହିଥିଲା । ରବିବାର ସକାଳ ସୁଦ୍ଧା ବନ୍ୟାଜଳ ହ୍ରାସ ପାଇବା ପରେ ଚଳପ୍ରଚଳ ସ୍ୱାଭାବିକ ହୋଇଛି। ଏହା ଦ୍ୱାରା ବଡ଼ସାହି, ବେତନଟୀ ଓ ଗୋପବନ୍ଧୁନଗର ବ୍ଲକର ନଦୀ ସଂଲଗ୍ନ ଗ୍ରାମଗୁଡ଼ିକରେ ଧାନ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରୁଛନ୍ତି। ବିଶେଷ ଭାବେ ଧାନ ଚାଷର କ୍ଷୟକ୍ଷତିକୁ ନେଇ ତହସିଲ ଓ କୃଷି ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବ। ସେହିପରି ରାସ୍ତା, ବିଦ୍ୟୁତ୍, ଜଳଯୋଗାଣ ବିଭାଗର କର୍ମଚାରୀମାନେ ବୁଲି ବୁଲି ରିପୋର୍ଟ ପ୍ରସ୍ତୁତ କରିବାରେ ଲାଗିଛନ୍ତି। ବନ୍ୟାଜଳ ପ୍ରବେଶ କରିଥିବା ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ସେବା ଯୋଗାଇବାରେ ଲାଗିଛନ୍ତି। ପାନୀୟ ଜଳ ଉତ୍ସଗୁଡ଼ିକରେ ହାଲୋଜେନ ବଟିକା ପକାଯାଉଥିବା ବେଳେ ସଂକ୍ରମିତ ରୋଗ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଦେଖିବାକୁ ମିଳିଛି।

## ନଦୀରୁ ମିଳିଲା ଯୁବକଙ୍କ ମୃତଦେହ

ବାରିପଦା, ୨୭।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ତଥା ଶାମାଖୁଣ୍ଟା ବ୍ଲକ ଅଧୀନ ପଳପଳା ନଦୀ ପୋଲ ନିକଟକୁ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ୩୦ଘଣ୍ଟା ପରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ଶାମାଖୁଣ୍ଟା ବ୍ଲକ ଅଧୀନ ଖାଣ୍ଡିଆ ଡାହିସାହି ଗ୍ରାମର ବ୍ରଜକିଶୋର ନାଏକଙ୍କ ପୁଅ ସିପୁନ(୧୮)। ଶନିବାର ପୂର୍ବାହ୍ନରେ ସେ ୪ଜଣ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଗ୍ରାମବାସୀ ଓ ଓଡ୍ରାଫ ଟିମ୍ ଶନିବାର ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କୁ ଉଦ୍ଧାର କରି ପାରି ନ ଥିଲେ। ରବିବାର ଅପରାହ୍ନ ୫ଟାରେ ନଦୀରୁ ତାଙ୍କ ମୃତଦେହ ମିଳିଥିଲା। ଏନେଇ କୁଳିଅଣା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ରାଇରଙ୍ଗପୁର, ୨୭।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଭାତଛତର ଗ୍ରାମ ନିକଟସ୍ଥ କେନ୍ଦୁ ନାଳରେ ଭାସିଯାଇ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ବିଶୋଇ ଥାନା ଅଧୀନ ତଲକବାଦୀ ଗ୍ରାମର ଶିବରାମ ନାଏକ(୬୩)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୧/୨୪) ରୁଜୁ କରଛି। ରାଇରଙ୍ଗପୁର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ବେତନଟୀ, ୨୭।୧୦(ଧରଣୀଧର ମହାନ୍ତି)

**ଯୁଗୁପୁରା ଅଙ୍ଗନୱାଡି କେନ୍ଦ୍ର**

ବେତନଟୀ ବ୍ଲକ ଅଧୀନ ସନ୍ତରା ପଞ୍ଚାୟତର ଯୁଗୁପୁରା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ନିଜକୁ ଯୋଗ୍ୟ ପ୍ରାର୍ଥିନୀ କହୁଥିବା ସେହି ଗ୍ରାମର ମମତା ସିଂ ଏସଂକ୍ରାନ୍ତରେ ବେତନଟୀ ବ୍ଲକ ଓ ଜିଲା ପ୍ରଶାସନର ଉଚ୍ଚ ଅଧିକାରୀମାନଙ୍କୁ ଲିଖିତଭାବେ ଜଣାଇଛନ୍ତି। ଠିକ୍ ଭାବେ ତାଙ୍କ ଅଭିଯୋଗର ତଦନ୍ତ ନ ହେଲେ ବ୍ଲକ କାର୍ଯ୍ୟାଳୟ ଆଗରେ ସେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ମମତାଙ୍କ ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୧୩ରେ ଯୁଗୁପୁରା ଅଙ୍ଗନୱାଡି କେନ୍ଦ୍ର ପାଇଁ କର୍ମୀ ନିଯୁକ୍ତି ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସମସ୍ତ ଆବେଦନକାରୀଙ୍କଠାରୁ ଅଧିକ ନମ୍ବର ରଖି ସେ ଯୋଗ୍ୟ ବିବେଚିତ ହେବା ପାଇଁ ଥିବା ବେଳେ ତାଙ୍କୁ ଦିଆ ନ ଯାଇ ତାଙ୍କଠାରୁ କମ୍ ନମ୍ବର ରଖିଥିବା ଆବେଦନକାରୀଙ୍କୁ ଏହି ଚାକିରି ଦିଆଯାଇଛି। ଏ ସମ୍ପର୍କରେ ବେତନଟୀ ବ୍ଲକର ସିଡିପିଓ ପାନବତୀ ମୁର୍ମୁଙ୍କୁ ପଚାରିବାରୁ ମମତା ଉକ୍ତ ଅଙ୍ଗନୱାଡି ସେବା ଅଞ୍ଚଳ ପରିସରଭୁକ୍ତ ନ ଥିବାରୁ ତାଙ୍କୁ ଚାକିରି ଦିଆ ନ ଯାଇ ଅନ୍ୟ ଜଣଙ୍କୁ ଦିଆଯାଇଥିବା କହିଛନ୍ତି। ତେବେ ମମତାଙ୍କ ଅଭିଯୋଗ ଅନୁସାରେ ଯୁଗୁପୁରା ଗ୍ରାମରେ ତାଙ୍କ ଘରଡିହ, ରାଶନ କାର୍ଡ, ଭୋଟର କାର୍ଡ, ଆଧାର କାର୍ଡ ରହିଛି। ଯୁଗୁପୁରା ଅଙ୍ଗନୱାଡ଼ି କର୍ମୀଙ୍କ ସର୍ଭେ ଖାତାରେ ତାଙ୍କ ପରିବାରର ନାମ ନ ଥିବା ବେଳେ ଆଶା କର୍ମୀଙ୍କ ସର୍ଭେ ଖାତାରେ ନାମ ଅଛି ବୋଲି ମମତା କହିଛନ୍ତି। ୧୦ରୁ ୧୨ ବର୍ଷ ହେବ ସେ ଗ୍ରାମରେ ନ ଥିବା ଦର୍ଶାଇ ଅଙ୍ଗନୱାଡି ସର୍ଭେ ଖାତାରେ ତାଙ୍କ ପରିବାର ନାମ ନ ଥିବା ସିଡିପିଓ କହିଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ମୋରଡ଼ା, ୨୭।୧୦(ସ୍ମାରକ ମାଜୀ)–ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ସଂସା ଛକ ନିକଟରେ ଦୁର୍ଘଟଣାରେ ଗୁରୁତର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ୧୦୮ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ କୁକୁଡ଼ାପଦା ଗ୍ରାମର ଶିବ ହେମ୍ବ୍ରମ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା(ନଂ. ୨୭୦/୨୪) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଶିବ ଗୁରୁତର ହୋଇଥିଲେ। ରାସଗୋବିନ୍ଦପୁର ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତର ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ୩ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସିବାରୁ ଶିବଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ବାପା ମଙ୍ଗଳ ହେମ୍ବ୍ରମ କହିଛନ୍ତି।

## ୩୨ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

ବାରିପଦା, ୨୭।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ବାତ୍ୟା ମୁକାବିଲା କାର୍ଯ୍ୟରେ ଅବହେଳା**

ବାତ୍ୟା 'ଦାନା'ର ମୁକାବିଲା କାର୍ଯ୍ୟରେ ଅବହେଳା କରିଥିବା ମୟୂରଭଞ୍ଜ ଜିଲାର ୩୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯଶିପୁର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଚତୁର୍ଭୁଜ ବାରିକ ବିଭିନ୍ନ ବିଦ୍ୟାଳୟର ଏହି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଜିରୋ କାଜୁଆଲଟିକୁ ଗୁରୁତ୍ୱ ଦିଆଯାଇ ଜିଲା ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଭିନ୍ନ ସ୍କୁଲଗୁଡ଼ିକରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ କରାଯାଇ ଲୋକଙ୍କୁ ଥଇଥାନ କରାଯାଇଥିଲା। ଏହି ଆଶ୍ରୟସ୍ଥଳୀଗୁଡ଼ିକର ପରିଚାଳନା ନିମନ୍ତେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର କେତେକ ସ୍କୁଲରେ ଶିକ୍ଷକମାନେ ଏଥିରେ ଅସହଯୋଗ କରିବା ସହ ଡ୍ୟୁଟିରେ ଅବହେଳା ପ୍ରଦର୍ଶନ କରିଥିବା ନେଇ ବିଦ୍ୟାଳୟ ପରିଦର୍ଶନ ସମୟରେ ସିଆର୍‌ସିସି ଓ ବିଇଓ ଜାଣିବାକୁ ପାଇଥିଲେ। ରାମତୀର୍ଥ ପଞ୍ଚାୟତ ହାଇସ୍କୁଲର ୩ଜଣ, ମହୁଲପଦା ପ୍ରାଥମିକ ବିଦ୍ୟାଳୟ, ମଦରଙ୍ଗାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାନଜୁଣପୋଷି ପ୍ରାଥମିକ ବିଦ୍ୟାଳୟ, ହାଣ୍ଡିପୁହାଣ ଓ ତୁଳସୀବଣି ପ୍ରାଥମିକ ବିଦ୍ୟାଳୟ, ଗୋଇଲି ପ୍ରାଥମିକ ବିଦ୍ୟାଳୟ, ଭାଲିଆଗୋଡା ପ୍ରାଥମିକ ବିଦ୍ୟାଳୟ, ବଡ଼ପୋଷି ସ୍କୁଲ, ଶିରୋମଣୀପୁର୍ ସ୍କୁଲ, ଟାଙ୍ଗରୁସାହି ଓ ବାୟା ସାହି ପ୍ରାଥମିକ ବିଦ୍ୟାଳୟର ଜଣେ ଲେଖାଏ, ଗେଣ୍ଡେଇସାହି ପ୍ରାଥମିକ ବିଦ୍ୟାଳୟ, ବିଟି ଟାଙ୍ଗରବଳଦା ସ୍କୁଲ, କାଶିପାଳ ପ୍ରାଥମିକ ବିଦ୍ୟାଳୟ, ପଦ୍ମପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏକତାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାନଶିଆଳିନଇ ପ୍ରାଥମିକ ବିଦ୍ୟାଳୟ, ଛେଳିଗୋଧୂଳି ପ୍ରାଥମିକ ବିଦ୍ୟାଳୟର ୨ ଜଣ ଲେଖାଏ, ଦୁର୍ଦ୍ଦୁରା ହାଇସ୍କୁଲର ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

